# ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ
# ଉପକୂଳବାସୀଙ୍କ ପାଇଁ ଏକ ସୂଚନା ପୁସ୍ତିକା



ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍ମେଣ୍ଟ୍ କୋଅପରେସନ୍



# ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ
# ଉପକୂଳବାସୀଙ୍କ ପାଇଁ ଏକ ସୂଚନା ପୁସ୍ତିକା

RCDC

ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍

## ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଉପକୂଳବାସୀଙ୍କ ପାଇଁ ଏକ ସୂଚନା ପୁସ୍ତିକା


ପ୍ରକାଶକ : ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍

ସଂପାଦନା ମଣ୍ଡଳୀ : ସୁରେଶ ଚନ୍ଦ୍ର ବିଷୋୟୀ, ବିଭୁ ପ୍ରସାଦ ମହାନ୍ତି, ଜଗନ୍ନାଥ ଚାଟାର୍ଜୀ, ଦିଲ୍ଲୀପ କୁମାର ସୁବୁଦ୍ଧି, ପ୍ରଭାତ କୁମାର ମିଶ୍ର, ରାମକୃଷ୍ଣ ମହାରଣା

ସହଯୋଗ : ୟୁରୋପିଆନ୍ ୟୁନିଅନ୍, କନସର୍ଣ୍ଣ ୱାର୍ଲଡ୍ ୱାଇଡ୍

ଅଳଙ୍କରଣ : ଭାଗ୍ୟରଥି ସାହୁ, ରାମକୃଷ୍ଣ ମହାରଣା

ମୁଦ୍ରଣ : ଜଗନ୍ନାଥ ପ୍ରିଣ୍ଟର୍ସ, ଭୁବନେଶ୍ୱର



# ଓଡ଼ିଶା ଉପକୂଳ ଓ ଜଳବାୟୁ ପରିବର୍ତ୍ତନ

ଓଡ଼ିଶା ଉପକୂଳର ଅଧିବାସୀମାନେ ସାଧାରଣତଃ ଏକ ସ୍ୱତନ୍ତ୍ର ପ୍ରାକୃତିକ ସ୍ଥିତି ମଧ୍ୟରେ ବସବାସ କରନ୍ତି । ଏଠାରେ ଦୁଇଟି ଅବସ୍ଥା ଅତ୍ୟନ୍ତ ସାଧାରଣ । ପ୍ରତିବର୍ଷ ଏଠାରେ ଖୁବ୍ ବର୍ଷା ଏବଂ ବନ୍ୟା ବା ବାତ୍ୟା ହୋଇଥାଏ । ତତ୍‌ଜନିତ ବିଭିନ୍ନ ଅସୁବିଧା ଅନୁଭୂତ ହୁଏ । ଉପକୂଳବର୍ତ୍ତୀ ବାଲେଶ୍ୱର ଜିଲ୍ଲା ଠାରୁ ଗଞ୍ଜାମ ଜିଲ୍ଲା ପର୍ଯ୍ୟନ୍ତ ଯେତେ ଜିଲ୍ଲାଗୁଡ଼ିକ ରହିଛି ସେଠାକାର ସମସ୍ତ ଅଧିବାସୀମାନେ ଏ ସମ୍ପର୍କରେ ଖୁବ୍ ଭଲ ଭାବରେ ଜାଣନ୍ତି । ଏହା ବ୍ୟତିତ ଅନ୍ୟ ଏକ ଅସୁବିଧା ଏହି ଅଞ୍ଚଳରେ ଦେଖାଯାଇଛି, ତାହା ହେଲା ଅଂଶୁଘାତ ମୃତ୍ୟୁ । ଖରାଦିନେ ପ୍ରାୟତଃ ଏହି ସମସ୍ୟା ଦୁଇ ଦଶନ୍ଧି ହେଲା ବଢ଼ିବାରେ ଲାଗିଛି । ଏହି ତିନୋଟି ଅସୁବିଧା ସହିତ ରହିଛି ଅନେକ ସୁବିଧା ଯାହା ଆମର ଉପକୂଳ ଅଞ୍ଚଳର ଅଧିବାସୀମାନଙ୍କ ନିମନ୍ତେ ବରଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଗୁଡ଼ିକ ହେଲା :-

୧) ମୌସୁମୀ ବାୟୁ ପ୍ରବାହରେ ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଏଠାରେ ଅଧିକ ବର୍ଷା ଜଳ ମିଳେ ଯାହା ଦ୍ୱାରା ବିଭିନ୍ନ ପ୍ରକାରର ଚାଷବାସ ଖୁବ୍ ଭଲହୁଏ । ଏଠାକାର ଜମି ଓ ମୃତ୍ତିକାରେ ଏକ ସ୍ୱାତନ୍ତ୍ର୍ୟତା ରହିଛି । ଏହା ପ୍ରାୟତଃ ଆର୍ଦ୍ର ଏବଂ ସମୁଦ୍ରକୂଳିଆ ଜମି, ବିଶେଷତଃ ବାଲିଆ ଦୋରସା କିମ୍ବା ସନ୍ତସନ୍ତିଆ ।

୨) ବିଭିନ୍ନ ପ୍ରାକୃତିକ ଜୈବ ବିବିଧତା ଏହି ଅଞ୍ଚଳରେ ଭଲ ଭାବରେ ବୃଦ୍ଧି ପାଇବାର ସମସ୍ତ ସମ୍ଭାବନା ରହିଛି । ବର୍ଷାଦିନିଆ ଧାନ ଚାଷ ସହିତ ବର୍ଷସାରା ବିଭିନ୍ନ ଫଳ ଓ ପନିପରିବା ମଧ ଏହି ଅଞ୍ଚଳରେ ଚାଷ କରାଯାଏ ।

୩) ସମୁଦ୍ର ଓ ସ୍ଥଳଭାଗର ମିଳନ ସ୍ଥଳ ହୋଇଥିବାରୁ ଅନେକ ପ୍ରକାରର ଜୀବଜନ୍ତୁ ଏହି ଭୌଗୋଳିକ ସ୍ଥିତିର ଲାଭ ପାଇଥାଆନ୍ତି । ହେନ୍ତାଳ ବଣ, ଝାଉଁବଣ ଏବଂ ବିଭିନ୍ନ ମତ୍ସ୍ୟ ଓ ପକ୍ଷୀ ସଂପଦରେ ଏହା ଭରପୂର ।

୪) ଏହି ଅଞ୍ଚଳରେ ରହିଥିବା ହେନ୍ତାଳ ବନ ପ୍ରାକୃତିକ ବୈଭବର ଏକ ବିଶାଳ ଗନ୍ତାଘର ବୋଲି କୁହାଯାଏ । ହେନ୍ତାଳ ବଣ କେବଳ ପ୍ରକୃତି ନୁହେଁ ମାନବ ସମ୍ବଳର ବହୁ ସମୃଦ୍ଧିର ଏକ ବିଶେଷ କାରଣ ମଧ୍ୟ । ହେନ୍ତାଳ ବଣ ଦ୍ୱାରା ମାଛ, କଙ୍କଡ଼ା, ଚିଙ୍ଗୁଡ଼ି, କଇଁଛ ଏବଂ ଅନେକ ପ୍ରକାରର ପଶୁପକ୍ଷୀ ସେମାନଙ୍କର ବଂଶ ବୃଦ୍ଧି ସହିତ ପୁନର୍ଜୀବନଚକ୍ରକୁ ଅଭିବ୍ୟକ୍ତ କରନ୍ତି । ତେଣୁ ନିକଟସ୍ଥ ଗ୍ରାମବାସୀମାନେ ଖାଦ୍ୟ, ଜାଳେଣି, ଔଷଧୀୟ ବୃକ୍ଷାଦି, ଗୃହପୋକରଣ, ଗୋ ସମ୍ପଦର ଅଭିବୃଦ୍ଧି ପାଇଁ ବିଭିନ୍ନ ଖାଦ୍ୟ ତଥା ଉପକରଣ ମଧ୍ୟ ହେନ୍ତାଳ ବଣରୁ ପାଇଥାନ୍ତି ।

୫) ପାଣି ସୁବିଧା ରହିଥିବାରୁ କୃଷକମାନେ ବର୍ଷସାରା ବିଭିନ୍ନ ଚାଷ କରନ୍ତି । ସେଥିପାଇଁ ହାଟ ବଜାର ବା ବାଣିଜ୍ୟିକ ସ୍ଥିତି ଏଠାରେ ଅତ୍ୟନ୍ତ ସୁଦୃଢ଼ ବୋଲି କୁହାଯାଏ । ବଜାର ବ୍ୟବସ୍ଥା ସେହି ଅନୁସାରେ ଖୁବ୍ ସକ୍ରିୟ । ସ୍ଥଳପଥ ଓ ଜଳପଥ ବ୍ୟବସ୍ଥା ଅତୀତରୁ ଏ ପର୍ଯ୍ୟନ୍ତ ଅତ୍ୟନ୍ତ ସୁଦୃଢ଼ ହୋଇପାରିଛି । କିନ୍ତୁ ଏଗୁଡ଼ିକ ଯେତିକି ସମୃଦ୍ଧ ହେବାର ଥିଲା ସମୟକ୍ରମେ ତାହା ହୋଇପାରିନାହିଁ । ଯାହା ବି ହେଉ ଏହି ଅଞ୍ଚଳରେ ବହୁତ ବିକଳ୍ପ ରହିଛି ଯାହା ଲୋକ ଓ ପଶୁମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବାରେ ସାହାଯ୍ୟ କରିଥାଏ ।

୬) ବିଭିନ୍ନ ଅଧ୍ୟୟନରୁ ଜଣାପଡ଼େ ଯେ, ଭାରତର ବିଭିନ୍ନ ରାଜ୍ୟରେ ଥିବା ରାସ୍ତା ତୁଳନାରେ ଓଡ଼ିଶାର ରାସ୍ତା ସଂଖ୍ୟା ଅଧିକ । କାରଣ ଯେଉଁଠି ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଘଟେ ସେ ଅଞ୍ଚଳରେ ଲୋକମାନେ ସାଧାରଣତଃ ଅଧିକ ପ୍ରକାରର ଓ ଅଧିକ ସଂଖ୍ୟକ ରାସ୍ତା ତିଆରି କରନ୍ତି । ସେଗୁଡ଼ିକ ଦ୍ୱାରା ବିପର୍ଯ୍ୟୟ ସମୟରେ ବହୁତ ଆଶୁ ସାହାଯ୍ୟ ହୋଇଥାଏ । ବିପର୍ଯ୍ୟୟ ପରେ ମଧ୍ୟ ସେହି ରାସ୍ତାଗୁଡ଼ିକ ବ୍ୟବହାର କରି ଲୋକେ ପୁଣିଥରେ ଜୀବନସଂଗ୍ରାମ ଲଢ଼ିଥାନ୍ତି ।

୭) ତେବେ ଏହି ଅଞ୍ଚଳ ବର୍ଷ ବର୍ଷ ଧରି ସମୃଦ୍ଧ ଏବଂ ଜଳବହୁଳ ହୋଇ ରହିଛି ଏହାର କାରଣ ମଧ୍ୟ ଏଠାକାର ଭୌଗୋଳିକ ସ୍ଥିତି । ଭୌଗଳିକ ସ୍ଥିତି ମଧ୍ୟରେ କେତେକ ଅବସ୍ଥା ଲୋକମାନଙ୍କୁ ସମୃଦ୍ଧ ଦିଗରେ ନେଲାବେଳେ କେତେକ ବିପର୍ଯ୍ୟୟ ଏବଂ ଦୁଃସହ କଷ୍ଟ ମଧ୍ୟକୁ ଟାଣି ନେଇଥାଏ । ଏତେ ଅସୁବିଧା ସତ୍ତ୍ୱେ ଏଠାରେ ଲୋକେ ଅନେକ ପ୍ରଗତି ମଧ୍ୟ କରିପାରିଛନ୍ତି ।






# ଓଡ଼ିଶା ଉପକୂଳର ଭୌଗୋଳିକ ସ୍ଥିତି

ଓଡ଼ିଶାର ଉପକୂଳ ପ୍ରାୟ ୪୮୦ କିଲୋମିଟର ଦୂରତା ବିଶିଷ୍ଟ। ଏହି ଅଞ୍ଚଳର ଜମିଗୁଡ଼ିକ ସମୁଦ୍ର ଦିଗରେ ଗଡ଼ାଣିଆ ତଥା ବହୁ ସମୟ ପର୍ଯ୍ୟନ୍ତ ଜଳଧାରଣ କରିଥାଏ । କାରଣ ଏଗୁଡ଼ିକର ଜମି ଓ ସମୁଦ୍ର ପତ୍ତନ ମଧ୍ୟରେ ଖୁବ୍ କମ୍ ତାରତମ୍ୟ ରହେ । ମାଟି ଦୋରସା ବା ବାଲିଆ ଥିବା ବିଶେଷ ଯାଗାରେ ଦେଖାଯାଏ । ପାହାଡ଼ିଆ ଜମି ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ। ଉତ୍ତର ଓ ପଶ୍ଚିମ ପଟରୁ ପାଣି ଏହି ଅଞ୍ଚଳକୁ ବହିଆସେ । ଅର୍ଥାତ୍ କଳାହାଣ୍ଡି, କୋରାପୁଟ, ବଲାଙ୍ଗିର, ବରଗଡ଼, ସମ୍ବଲପୁର, ଅନୁଗୋଳ ଇତ୍ୟାଦି ଅଞ୍ଚଳରୁ ସବୁ ନଦୀ ନାଳ ଓ ଜଳ ପ୍ରବାହଗୁଡ଼ିକର ମୁହଁ ପୂର୍ବ ଉପକୂଳଆଡ଼କୁ ରହିଛି। ତେଣୁ ଜଳର ପ୍ରାଚୁର୍ଯ୍ୟ ଏହି ଅଞ୍ଚଳରେ ଖୁବ୍ ବେଶୀ। ସେହି ଅନୁପାତରେ ଓଡ଼ିଶାର ଅନ୍ୟ ଅଞ୍ଚଳଗୁଡ଼ିକ ଏତେ ପରିମାଣରେ ଜଳ ପାଇନଥାନ୍ତି। ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ସମୁଦ୍ର କୂଳ ଖୁବ୍ ନିକଟସ୍ଥ ହୋଇଥାଏ ଏବଂ ସମୁଦ୍ରରେ ସାମାନ୍ୟ ଲଘୁଚାପ ସୃଷ୍ଟି ହେଲେ ଏଠାରେ ବର୍ଷା ହୁଏ। ମୌସୁମୀ ବାୟୁର ପ୍ରବାହରେ ଯେତିକି ବର୍ଷା ହୁଏ ତାକୁ ଛାଡ଼ି ଲଘୁଚାପ ଜନିତ ବର୍ଷା ଦ୍ୱାରା ଏଠାରେ ଖୁବ୍ ବର୍ଷାଜଳ ମିଳିଥାଏ। ସବୁଠୁ ବଡ଼ ସମସ୍ୟା ହେଲା ବର୍ଷାଜଳକୁ ସଂଗ୍ରହ କରି ବ୍ୟବହାର କରିବାର ବିବିଧ ଅସୁବିଧା। ବାଣିଜ୍ୟ ବିଷୟ ଜ୍ଞାନର ବ୍ୟବହାର ଏଠାକାର ପରମ୍ପରାରେ ବିଶେଷ ଭାବରେ ନଥିବାରୁ ବନ୍ୟା ପ୍ଲାବନ ଦ୍ୱାରା ବହୁ ପରିମାଣର ଜଳ ଏହି ଅଞ୍ଚଳରୁ ନିଷ୍କାସିତ ହୋଇ ସମୁଦ୍ରକୁ ଚାଲିଯାଏ। ଏହା ଏକ ପ୍ରକାରର ଦୁର୍ଗତି ମଧ୍ୟ। ଏଥିପାଇଁ ସମଗ୍ର ଓଡ଼ିଶାକୁ ଦୃଷ୍ଟିରେ ରଖି ଏକ ଜଳସମ୍ପଦ ପରିଚାଳନା ଯୋଜନା ବ୍ୟବସ୍ଥା କରିବା ଅତ୍ୟନ୍ତ ଜରୁରୀ। ତେବେ ଓଡ଼ିଶା ସରକାର ଏ ସମ୍ପର୍କରେ ଅନେକ ଗବେଷଣା ଏବଂ ବ୍ୟବସ୍ଥା ପରିଚାଳନା ଜାରି ରଖିଛନ୍ତି।



# ଓଡ଼ିଶା ଉପକୂଳର ଜଳବାୟୁ ସ୍ଥିତି

ମୌସୁମୀ ଏବଂ ବିଭିନ୍ନ ଋତୁଗୁଡ଼ିକ ସହିତ ଓଡ଼ିଶାର ଜଳବାୟୁ ସମୃଦ୍ଧ ଓ ସଂଯୋଜିତ । ଏହା ଏତେ ପୁରାତନ ଯେ ଆମେ କଥା କଥାରେ କହୁ ଏ ଅଞ୍ଚଳରେ ଜଳବାୟୁ ଏପରି ବା ସେପରି । 'ଜଳବାୟୁ' କହିଲେ, ଯେ କୌଣସି ଏକ ଭୌଗଳିକ ବଡ଼ ଅଞ୍ଚଳକୁ ବହୁ ସମୟ ଧରି ପ୍ରଭାବିତ କରୁଥିବା ପ୍ରାକୃତିକ ଋତୁ ଅବସ୍ଥା । ଉପକୂଳବର୍ତ୍ତୀ ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ଯଦି ନିଆଯାଏ, ତାହାହେଲେ ଏଠାକାର ଋତୁ ପରିସ୍ଥିତିରେ ଯଥା ଗ୍ରୀଷ୍ମରେ ଉଚ୍ଚତମ ତାପମାତ୍ରା ପ୍ରାୟତଃ ୩୦ ଡିଗ୍ରୀରୁ ୪୫ ଡିଗ୍ରୀ ପର୍ଯ୍ୟନ୍ତ ଅନୁଭୁତ ହୁଏ । ସେହିପରି ଶୀତ ଦିନରେ ସର୍ବନିମ୍ନ ୧୮ ଡିଗ୍ରୀରୁ ୧୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ଅନୁଭୁତ ହୁଏ । ବର୍ଷା/ଋତୁ ଜୁନ୍‌ରୁ ଆରମ୍ଭ ହୋଇ ପ୍ରାୟ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲୁ ରହେ । ଏହି ସମୟରେ ୧୪୦୦ ମିମିରୁ ୨୪୦୦ ମିମି ବର୍ଷା ହୁଏ । ସେହିପରି ଏହି ଅଞ୍ଚଳରେ ପ୍ରାୟତଃ ସେପ୍ଟେମ୍ବରରୁ ନଭେମ୍ବର ମଧ୍ୟରେ ବାତ୍ୟା ଅନୁଭୁତ ହୁଏ ଯେତେବେଳେ ଖୁବ୍ ଜୋରରେ ପବନ ବହେ । ଏହି ପବନର ଗତି ୫୦କିମିରୁ ୩୦୦ କିମି ବେଗ ପର୍ଯ୍ୟନ୍ତ ଅନୁଭୁତ ହୁଏ । ଏହିସବୁ ତଥ୍ୟ ଯଦି ସାଧାରଣତଃ ଏକ ଶହ ବର୍ଷ ବା ତଦୁର୍ଦ୍ଧ୍ୱ ସମୟରୁ ଅନୁଭୂତ ତେବେ ଏହି ଅଞ୍ଚଳର ଜଳବାୟୁକୁ ଉପରୋକ୍ତ ଶୈଳୀରେ ବର୍ଣ୍ଣନା କରାଯାଏ । 'ପାଣିପାଗ' ଶବ୍ଦଟି ଦୈନନ୍ଦିନ ଅନୁଭବ କରୁଥିବା ତାପମାତ୍ରା, ବର୍ଷା, ବାୟୁ ପ୍ରବାହ, ବାୟୁରେ ଥିବା ଜଳାଂଶ ଇତ୍ୟାଦିର ସମାହାର । ଏହା ଛୋଟ ଅବଧିର କଥା ହୋଇଥିଲାବେଳେ ଜଳବାୟୁ ଲମ୍ବା ସମୟ ବା ଅନେକ ବର୍ଷର ଆପେକ୍ଷିକ ତଥ୍ୟ ସମୂହର ସମାହାର । ତେବେ ଆଜିର ଜଳବାୟୁ ସ୍ଥିତିରେ ଗତ ପଚାଶ ବର୍ଷ ମଧ୍ୟରେ ଅନେକ ପରିବର୍ତ୍ତନ ଘଟିଛି । ଆଜିକାଲି ଯେପରି ଭାବରେ ତାପମାତ୍ରା ବଢୁଛି ତାହା ଅନେକ ସମୟରେ ଚାଷ ଓ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ସୃଷ୍ଟି କରୁଛି । ଏପରିକି ବୃଷ୍ଟିପାତରେ ମଧ୍ୟ ଅନେକ ପରିବର୍ତ୍ତନ ହେଲାଣି ।



# ଜଳବାୟୁ ପରିବର୍ତ୍ତନ ବିଷୟରେ କିଛି ତଥ୍ୟ

ଆଜିକାଲି ଆବାଳ ବୃଦ୍ଧବନିତା ଜଳବାୟୁ ପରବର୍ତ୍ତନ ହୋଇଗଲାଣି ବୋଲି କଥାବାର୍ତ୍ତା ହେଉଛନ୍ତି । ପ୍ରାୟ ଦଶବର୍ଷ ତଳେ ବୃଷ୍ଟିପାତର ପରିମାଣ ଯାହା ଥିଲା ଏବେ ମଧ ତାହା ରହିଛି କିନ୍ତୁ ବୃଷ୍ଟିପାତ ଦିବସଗୁଡ଼ିକ କମ୍ ହୋଇଯାଇଛି । ବହୁ ପରିମାଣର ଜଳ କମ୍ ଦିନରେ ବର୍ଷା ହେଉଛି । ଯାହା ବନ୍ୟା ଆଶଙ୍କାକୁ ବହୁଗୁଣ କରିଦେଇଛି । ଗତ ଦଶବର୍ଷ ମଧ୍ୟରେ ତାପମାତ୍ରାରେ ଅନେକ ପରିବର୍ତ୍ତନ ହୋଇଛି । ଯେହେତୁ ବର୍ଷା ଦିନଗୁଡ଼ିକର ସଂଖ୍ୟା କମିଗଲା, ତେଣୁ ଖରା ଦିନଗୁଡ଼ିକର ସଂଖ୍ୟା ବଢ଼ିଗଲା । ଫଳରେ ଜଳ ବାଷ୍ପୀକରଣ ବଢ଼ିଗଲା । ବାୟୁରେ ଅଧିକ ଗରମ ପବନ ପରିମାଣ ସହିତ ଏହି ଜଳୀୟ ବାଷ୍ପ ପରିମାଣ ବଢ଼ିବାରୁ ବାୟୁର ଘନତ୍ୱ ଓ ଜଳ ସାନ୍ଦ୍ରତା ବଢ଼ିଗଲା । ତେଣୁ ସାମାନ୍ୟ ଖରାରେ ଅସହ୍ୟ ତାତି ଅନୁଭୁତ ହୁଏ । ତେବେ ଏହିପରି ଅନେକ କାରଣରୁ ବରଫାଞ୍ଚଳଗୁଡ଼ିକ ମଧ ଗରମ ହୋଇ ତରଳିବାରେ ଲାଗିଛି । ଫଳରେ ସମୁଦ୍ର ପତ୍ତନ ବଢୁଛି ଏବଂ ସମୁଦ୍ର ବେଶୀ ସମୟ ଗରମ ରହୁଛି । ତେଣୁ ଏହାର ଅମ୍ଳତ୍ୱରେ ମଧ ବୃଦ୍ଧି ଘଟୁଛି । ସମୁଦ୍ରରେ ଥିବା ମାଛ ଓ ଅନ୍ୟାନ୍ୟ ଜୀବମାନଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ଏପଟେ ସ୍ଥଳଭାଗରେ ଅଧିକ ତାପ ଅନୁଭୁତ ହେବାରୁ ଅନେକ କୀଟମାନଙ୍କର ପ୍ରଜନନ କ୍ଷମତା ଏତେ ବଢ଼ିଛି ଯେ ମଶା, ମାଛି ଏବଂ ଅନ୍ୟ କୀଟମାନେ ଖୁବ୍ କମ୍ ସମୟରେ ତିନି ଚାରିଗୁଣ ଅଧିକ ବଂଶ ବିସ୍ତାର କରୁଛନ୍ତି । ଯାହା ମାନବ ତଥା ଅନ୍ୟ ଜୀବଜନ୍ତୁମାନଙ୍କ ନିମନ୍ତେ ବିପଦ ଆଶଙ୍କା ସୃଷ୍ଟି କରିଛି । ଗ୍ରୀଷ୍ମ ଦିନଗୁଡ଼ିକରେ ଟାଣ ଖରା ଅନୁଭୁତ ହେଉଛି ଏବଂ ଶୀତଳ ପବନର ଦିନ ସଂଖ୍ୟାରେ ହ୍ରାସ ଘଟିଛି । ଏହିପରି ତାପମାତ୍ରା, ବୃଷ୍ଟିପାତ, ବାୟୁପ୍ରବାହ ଧାରାରେ ବିଶେଷ ପରିବର୍ତ୍ତନକୁ ଜଳବାୟୁ ପରିବର୍ତ୍ତନ କୁହାଯାଇଥାଏ ।

ଓଡ଼ିଶା ପରି ଭାରତର ଅନେକ ରାଜ୍ୟରେ ବୃଷ୍ଟିପାତର ପରିବର୍ତ୍ତନ କାରଣରୁ ବନ୍ୟାର ବିଭୀଷିକା ସୃଷ୍ଟି ହୋଇଥାଏ। ପ୍ରବଳ ବର୍ଷା ବନ୍ୟା ବିପ୍ତାତ ଘଟାଏ। ବୃଷ୍ଟିପାତ ଅନିୟମିତତାରୁ ମରୁଡ଼ି ଦେଖାଯାଏ। ଅକସ୍ମାତ ପ୍ରବଳ ବର୍ଷା ଦ୍ୱାରା ବନ୍ୟା  ପ୍ରକୋପ ଦେଖାଯାଏ। ତାପମାତ୍ରାରେ ବୃଦ୍ଧି ହେତୁ ସମୁଦ୍ର ପରିବେଶ ବର୍ତ୍ତମାନ ଅତ୍ୟନ୍ତ ପ୍ରଭାବିତ ହୋଇଛି। ପ୍ରତିବର୍ଷ ସମୁଦ୍ରରୁ ମାଛ ଉତ୍ପାଦନ କମିବା ଉପକୂଳବର୍ତ୍ତୀର ସମସ୍ତ ଅଧିବାସୀମାନେ ଅନୁଭବ କରୁଛନ୍ତି। ଗ୍ଲାସିୟର ତରଳୁଥିବାରୁ ସମୁଦ୍ର ଜଳପତ୍ତନ ମଧ ବଢୁଛି। ପୃଥିବୀ ଏବଂ ଉପକୂଳବାସୀଙ୍କ ନିମନ୍ତେ ଏହା ବିପଦର ଆହ୍ୱାନ।





## ଜଳବାୟୁ ପରିବର୍ତ୍ତନର କାରଣମାନ କ'ଣ ?

ସବୁଜ ଗୃହ ବାଷ୍ପର ଅତ୍ୟଧିକ ନିଷ୍କାସନ ଏହାର ଏକ ପ୍ରମୁଖ କାରଣ । ଏହି ସବୁଜଗୃହ ବାଷ୍ପଗୁଡ଼ିକ ହେଲା କାର୍ବନ ଡାଇଅକ୍ସାଇଡ୍, ମିଥେନ୍, ନାଇଟ୍ରିକ୍ ଅକ୍ସାଇଡ୍ ଏବଂ ଫ୍ଲୋରିନେଟେଡ୍ ଗ୍ୟାସ । ଏହି ଗ୍ୟାସ୍‌ଗୁଡ଼ିକ ପ୍ରାକୃତିକ ଓ ମନୁଷ୍ୟକୃତ କାରଣରୁ ସୃଷ୍ଟି ହୋଇ ବାୟୁମଣ୍ଡଳରେ ପ୍ରବେଶ କରି ତାପମାତ୍ରା ବଢ଼ାଇଥାନ୍ତି । ବହୁ ସଂଖ୍ୟାରେ କାରଖାନା ଓ ଖଣି ବଢି ଚାଲିଛି । ଫଳସ୍ୱରୂପ ଅନେକ ବିଷାକ୍ତ ଗ୍ୟାସ ବାୟୁମଣ୍ଡଳ ମଧ୍ୟକୁ ନିର୍ଗତ ହେଉଛି । ଫଳରେ ଯେଉଁ ବାୟୁମଣ୍ଡଳ ସମଗ୍ର ପୃଥିବୀକୁ ଘେରି ରହିଛି, ତାହା ଧିରେ ଧିରେ ପ୍ରଦୂଷିତ ହେବାରେ ଲାଗିଛି । ଏହାଛଡ଼ା ବାୟୁମଣ୍ଡଳ ମଧ୍ୟକୁ ବହୁ ପରିମାଣରେ ଧୂଳିକଣା ମଧ୍ୟ ପ୍ରବେଶ କରୁଛି । ଏହା ମଧ୍ୟ ଏକ ବିଶେଷ କାରଣ ଯାହା ବାୟୁମଣ୍ଡଳର ତାପମାତ୍ରାକୁ ପ୍ରଭାବିତ କରୁଛି । ତାପମାତ୍ରା ବୃଦ୍ଧି ଦିଗରେ କାର୍ବନ ଡାଇଅକ୍ସସାଇଡ୍ ପ୍ରମୁଖ ଭାବେ ଦାୟୀ । ସବୁଜଗୃହ ବାଷ୍ପମାନଙ୍କ ମଧ୍ୟରୁ କେବଳ ୮୨ ପ୍ରତିଶତ ହେଉଛି କାର୍ବନ ଡାଇଅକ୍ସାଇଡ୍ ।

ଜାଳେଣି କାଠ, କୋଇଲା, ପେଟ୍ରୋଲ, ଡିଜେଲ୍ ଓ ଅନ୍ୟାନ୍ୟ ପ୍ରାକୃତିକ ଗ୍ୟାସ ତୈଳର ଦହନରୁ କାର୍ବନ ଡାଇଅକ୍ସାଇଡ୍ ଏବଂ ଅନ୍ୟାନ୍ୟ ବିଷାକ୍ତ ଗ୍ୟାସ ସୃଷ୍ଟି ହୋଇଥାଏ । ସିମେଣ୍ଟ ଉତ୍ପାଦନ କାରଖାନା, ଆଲୁମିନିୟମ ତଥା ଲୁହା କାରଖାନା ଭଳି ଅନ୍ୟ କାରଖାନାଗୁଡ଼ିକରୁ ମଧ୍ୟ ଏହି ଗ୍ୟାସଗୁଡ଼ିକ ବ୍ୟାପକ ଭାବେ ନିଷ୍କାସନ ହୋଇଥାଏ । ଗଛଲତା କେବଳ କାର୍ବନଡାଇଅକ୍‌ସାଇଡ୍ କିଛି ପରିମାଣରେ ଶୋଷି ନେଇପାରନ୍ତି । ଦୁର୍ଭାଗ୍ୟକୁ ଜଙ୍ଗଲର କ୍ରମାଗତ ଅବକ୍ଷୟ ହେତୁ ଏହା ମଧ୍ୟ ସମ୍ଭବ ହୋଇପାରୁନାହିଁ ।



# ଜଳବାୟୁ ପରିବର୍ତ୍ତନର ପ୍ରଭାବ

## କୃଷିକ୍ଷେତ୍ର ଉପରେ ପ୍ରଭାବ

କୃଷିଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ସୁସ୍ପଷ୍ଟ । ବିଶ୍ୱବ୍ୟାଙ୍କର ଏକ ଅଧ୍ୟୟନ ଅନୁସାରେ ଉତ୍ତପ୍ତ ଜଳବାୟୁ ଏବଂ ଅନିୟମିତ ବୃଷ୍ଟିପାତ ଭାରତୀୟ କୃଷିକୁ କ୍ଷତିଗ୍ରସ୍ତ କରିଛି । ଭାରତରେ ୭୦ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ । ତେଣୁ ଏହି ସମସ୍ୟା ମଧ୍ୟରେ ପ୍ରାୟ ୧୦୦ କୋଟିରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି ।

୧୯୫୦ ପରଠାରୁ ମୌସୁମୀ ପ୍ରଭାବ ଅନିୟମିତତାର ଧାରା ସୃଷ୍ଟି ହୋଇଛି । କେବେ ମୌସୁମୀ ବିଳମ୍ବରେ ଆସୁଛି ତ କେବେ ଆସି ପୁଣି ହଠାତ୍ ଉଭେଇ ଯାଉଛି । ଲଘୁଚାପ ସୃଷ୍ଟି ହେଲେ ବର୍ଷା ହେଉଛି । କେବେ କମ୍ ସମୟ ଭିତରେ ଅଧିକ ବର୍ଷା ଢାଳି ଦେଉଛି ତ କେବେ ଶ୍ରାବଣ ଭାଦ୍ରରେ ଚାଷୀ ମେଘର ଦେଖାବି ପାଉନି । ଝାଡ଼ଖଣ୍ଡ, ଓଡ଼ିଶା ଏବଂ ଛତିଶଗଡ଼ରେ ଲଗାତର କମ୍ ବ୍ୟବଧାନରେ ଚାଷୀ ମରୁଡ଼ିକୁ ଭେଟୁଛି । ଭାରତର ଅନ୍ୟ ଉପକୂଳବର୍ତ୍ତୀ ଅଞ୍ଚଳରେ ମଧ୍ୟ ଏହି ପ୍ରକାରର ସମସ୍ୟା ସୃଷ୍ଟି ହୋଇଛି । ସମୁଦ୍ର ଜଳପତ୍ତନର ବୃଦ୍ଧି କାରଣରୁ ସାମୁଦ୍ରିକ ଲହଡ଼ି କୂଳଲଂଘି ଉପରକୁ ମାଡ଼ିଆସୁଛି । ମାଡ଼ି ଆସୁଥିବା ଜୁଆର ଜଳ ନିଷ୍କାସିତ ହୋଇ ନପାରିବାରୁ ଲୁଣାପାଣିରେ ଫସଲହାନୀ ଘଟୁଛି । ଲୁଣାପାଣି ଜୀବିକା ଓ ସ୍ୱାସ୍ଥ୍ୟ ପାଇଁ ହାନୀକାରକ ହେଉଛି । ଦେଶରେ ଦୁଇଟି ମୁଖ୍ୟ ଶସ୍ୟ ହେଉଛି ଧାନ ଏବଂ ଗହମ । ତାପମାତ୍ରା ବୃଦ୍ଧି ଓ ବର୍ଷାର ଅନିୟମିତତା ଏହି ଦୁଇ ପ୍ରମୁଖ ଫସଲକୁ ଭୋଗିବାକୁ ହେଉଛି । ଏହାଦ୍ୱାରା ପ୍ରାୟ ସବୁ ପ୍ରକାରର ଫସଲର ଆମଦାନୀ କମିବାରେ ଲାଗିଛି । ଏହା କେବଳ ଓଡ଼ିଶାର ସମସ୍ୟା ନୁହେଁ । ଏହି ସମସ୍ୟା ସାରା ପୃଥିବୀକୁ ଗ୍ରାସ କଲାଣି ।

## ସ୍ୱାସ୍ଥ୍ୟ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ

ତାପମାତ୍ରା ବୃଦ୍ଧି, ବନ୍ୟା, ବାତ୍ୟା, ମରୁଡ଼ି, ଅଂଶୁଘାତ ଆଦି ପ୍ରଭାବରୁ ମଣିଷର ସ୍ୱାସ୍ଥ୍ୟ ସ୍ଥିତି ବିଗିଡ଼ିବାରେ ଲାଗିଛି। ବୟସାଧିକ୍ୟ ବ୍ୟକ୍ତି, ମହିଳା, ସଂକ୍ରମିତ ବ୍ୟାଧିଗ୍ରସ୍ତ ବ୍ୟକ୍ତି, ଶିଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ ଜଳବାୟୁ ପରିବର୍ତ୍ତନର ଅଧିକ ପ୍ରଭାବ ପଡ଼ିଛି। ଏହା ଫଳରେ ଆର୍ଥିକ, ମାନସିକ, ଶାରିରୀକ ଏବଂ ସାମାଜିକ ପରିସ୍ଥିତି ଅତ୍ୟନ୍ତ ଜଟିଳ ହେବାରେ ଲାଗିଛି।

ବନ୍ୟା ପ୍ଲାବିତ ଅଞ୍ଚଳରେ ଜଳ ପ୍ରଦୂଷଣ କାରଣରୁ ଡାଇରିଆର ପ୍ରକୋପ ସମେତ ପ୍ରଦୂଷିତ ଜଳପାନ ଜନିତ ଅନ୍ୟାନ୍ୟ ରୋଗର ପ୍ରାଦୁର୍ଭାବ ବଢୁଛି। ବାୟୁ ଓ ଜଳ ପ୍ରଦୂଷଣ ହେତୁ ଆଲର୍ଜି, ଆଜ୍‌ମା ଓ ହୃଦଘାତ ପରି ବିଭିନ୍ନ ଚିହ୍ନାଅଚିହ୍ନା ରୋଗ ବୃଦ୍ଧି ପାଉଛି। ଅଧିକ ତାପ ବଢ଼ିବାରୁ ମଶା ସଂଖ୍ୟା ବଢ଼ି ମ୍ୟାଲେରିଆ ଓ ଡେଙ୍ଗୁପରି ପ୍ରାଣଘାତୀ ରୋଗ ବିସ୍ତାରିତ ହେଉଛି। ଖାଦ୍ୟ ଉତ୍ପାଦନ କମିବାରୁ (ପେଟେ ଖାଇଲେ ବି ଓପାସ) ପୁଷ୍ଟିହୀନତା ବଢୁଛି ଯାହା ଅନେକ ରୋଗର ମୁଖ୍ୟ କାରଣ।

## ସାମୁଦ୍ରିକ ଅଞ୍ଚଳ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ

ପୃଥିବୀର ବିଭିନ୍ନ ବରଫାଞ୍ଚଳ  ଏବେ ତରଳିବାରେ ଲାଗିଛନ୍ତି । ତେଣୁ ସମୁଦ୍ରରେ ଜଳ ପତ୍ତନ ମଧ୍ୟ ବଢୁଛି । ସମୁଦ୍ର କୂଳ ଲଂଘି ଉପକୂଳର ବ୍ୟାପକ ମୃତ୍ତିକା କ୍ଷୟ ଘଟାଉଛି । ଲହଡ଼ି କୂଳ ମାଡ଼ି ଚାଷ ଓ ବସତିଆଡ଼କୁ ଚାଲି ଆସୁଛି । ନଦୀରେ ଲୁଣାଜଳ ପରିମାଣ ବଢ଼ିବାରେ ଲାଗିଥିବାରୁ ମତ୍ସ୍ୟ ଉତ୍ପାଦନ ବାଧାପ୍ରାପ୍ତ ହେଉଛି । ଲଘୁଚାପ ପ୍ରଭାବରେ ସମୁଦ୍ର ଅଧିକାଂଶ ଦିନ ଅଶାନ୍ତ ରହୁଛି । ଉପକୂଳ ମତ୍ସ୍ୟଜୀବିମାନେ ପାରମ୍ପରିକ ମାଛଧରା ବୃତ୍ତିରୁ ଲାଭ ପାଉନାହାନ୍ତି । ଖରାଦିନେ ପବନ ବେଗରେ ବହୁଥିବାର ବଡ଼ ଧରଣର ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ବାତ୍ୟାର ପ୍ରକୋପକୁ ବେଶୀ ସହୁଛନ୍ତି ଉପକୂଳବାସୀ। ସାମୁଦ୍ରିକ ଢ଼େଉ ଓ ଝଡ଼ର ମାଡ଼ରେ ବେହାଲ ହୋଇଛନ୍ତି ଉପକୂଳବାସୀ। ଧନ ଓ ଜୀବନ ହରାଉଛନ୍ତି।





# ଜଳବାୟୁ ପରିବର୍ତ୍ତନରେ ଜୀବନ ବଞ୍ଚିବା କୌଶଳ

ଜଳବାୟୁ ପରିବର୍ତ୍ତନ ବାସ୍ତବରେ ଏହା ଏକ ବିଶାଳ ସମସ୍ୟା । ସେଥିପାଇଁ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଛି ଯାହା ସ୍ୱଷ୍ଟ, ବିଜ୍ଞାନ ଆଧାରିତ ଓ ସୁକ୍ଷ୍ମତା ନିରିକ୍ଷଣ ନିରନ୍ତର ହେବା ଆବଶ୍ୟକ ।

## ଗ୍ରାମବାସୀ ତଥା ଗୋଷ୍ଠୀ ସମୂହଙ୍କ ଉଦ୍ୟମ

ଆମେ ଯେଉଁମାନେ ବିପଦ ଘେରରେ ଅଛନ୍ତି କିଭଳି ନିଜକୁ ରକ୍ଷା କରିପାରିବା, ତାହା ସମ୍ପର୍କରେ ନିମ୍ନରେ ଆଲୋଚନା କରାଗଲା ।

- ସରକାରୀ ନିୟମ ଅନୁସାରେ ଆବଶ୍ୟକୀୟ ଆଇନ ଅନୁମୋଦିତ କାର୍ଯ୍ୟକ୍ରମ ଦ୍ୱାରା ସବୁଜ ଗୃହ ବାଷ୍ପ ବା ବିଷାକ୍ତ ବାଷ୍ପ ନିଷ୍କାସନକୁ କମାଇବାକୁ ହେବ । ଏଥିପାଇଁ  ଉପକୂଳବର୍ତ୍ତୀ ଅଞ୍ଚଳ ବ୍ୟତୀତ ମଧ୍ୟ ଓଡ଼ିଶାର ଶିଳ୍ପ ଓ ଖଣି ସମୂହକୁ ସଚେତନ ହେବାକୁ ହେବ । ସରକାରୀ ଏବଂ ବେସରକାରୀ ସଂସ୍ଥା ସମୂହ ସେମାନଙ୍କୁ ସଚେତନ କରାଇବା ସହିତ ପରିବେଶ ଆଇନକାନୁନର ଠିକ୍ ପରିଚାଳନା ତଦାରଖ ମଧ୍ୟ କରାଇବେ ।
- ସାଧାରଣ ପରିବହନ ବା ସରକାରୀ ବସ୍ ଓ ରେଳ ଇତ୍ୟାଦି ବ୍ୟବସ୍ଥାର ଉପଯୋଗ ଦ୍ୱାରା ପେଟ୍ରୋଲ ଓ ଡିଜେଲ୍ ବ୍ୟବହାର କମ୍ କରାଯାଇହେବ ।
- ଉପକୂଳବର୍ତ୍ତୀ ଜଙ୍ଗଲ ଓ ଚାଷ ଜମିଗୁଡ଼ିକର ମୃର୍ତ୍ତିକା ସଂରକ୍ଷଣ ସାମୂହିକ ଭାବରେ ହେବା ଉଚିତ ।
- ଜଳଛାୟା ବ୍ୟବସ୍ଥାର ସୁଦୃଢ଼ୀକରଣ ଉପକୂଳବର୍ତ୍ତୀ ଅଞ୍ଚଳରେ ବନ୍ୟା ନିୟନ୍ତ୍ରଣ ପାଇଁ ଅତ୍ୟନ୍ତ ଜରୁରୀ ।

- ଉପଯୁକ୍ତ ରାସ୍ତାଘାଟ ଓ ନାଳ ନିର୍ମାଣ ଫଳରେ ବନ୍ୟା ଓ ବାତ୍ୟାର ପ୍ରଭାବ କମ୍ ହୁଏ ।
- ଘରକୁ ଆଲୋକିତ କରିବା ପାଇଁ ଓ ରୋଷେଇ ନିମନ୍ତେ ସୌରଶକ୍ତିର ବ୍ୟବହାର ଦ୍ୱାରା ସାଧାରଣ, ବନ୍ୟା ଓ ବାତ୍ୟା ସମୟରେ ବହୁ ସମସ୍ୟାର ସମାଧାନ ହୋଇପାରିବ ।
- ଅପେକ୍ଷାକୃତ ପ୍ରାୟ ୭୦% ଧୂମ ବିହୀନ ଚୁଲ୍ଲାର ବହୁଳ ବ୍ୟବହାର ଦ୍ୱାରା ଜାଳେଣୀ ନିମନ୍ତେ ଜଙ୍ଗଲ ତଥା ବୃକ୍ଷାଦିର ବ୍ୟବହାର କମ୍ କରାଯାଇପାରିବ । ଏହା ବର୍ଷାଜଳ, ବନ୍ୟାଜଳ ନିୟନ୍ତ୍ରଣ ସହିତ ବାୟୁମଣ୍ଡଳର ପ୍ରଦୂଷଣକୁ କମ୍ କରିବାରେ ସମର୍ଥ୍ୟ ହେବ ।
- ଆଜିକାଲି ଚାଷ ଜମିରେ ରାସାୟନିକ ସାର ଓ ବିଷର ବହୁଳ ପ୍ରୟୋଗ ହେତୁ ବହୁ ପରିମାଣରେ ଅନେକ ପ୍ରକାରର ଗ୍ୟାସ ନିର୍ଗତ ହୋଇ ବାୟୁମଣ୍ଡଳକୁ ପ୍ରଦୁଷିତ କରୁଛି । ଜୈବିକ କୃଷି ଦ୍ୱାରା ଏହି ସମସ୍ୟାକୁ ଅନେକ ପରିମାଣରେ ଦୂର କରାଯାଇପାରିବ ।
- ଯଥାର୍ଥ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବଳରେ ଜୈବିକକୃଷର ବହୁଳ ପ୍ରସାର ତଥା କୃଷକ ପରିବାରର ନିଜସ୍ୱ ଗବେଷଣାକୁ ପ୍ରାଧାନ୍ୟ ଦେଇ ଅନେକ ପ୍ରକାରର କୃଷି ଓ କୃଷିଗତ ଉଦ୍ୟୋଗ ସମୂହକୁ ପ୍ରୋତ୍ସାହିତ କରି ବଜାର ସହିତ ସଂଯୋଗ ଫଳରେ ଗ୍ରାମ ଗୋଷ୍ଠୀମାନେ ପରିବେଶକୁ ସମୃଦ୍ଧ କଲାପରି କାର୍ଯ୍ୟକ୍ରମ କରିବା ଉଚିତ ।
- ଉପକୂଳବର୍ତ୍ତୀ ସନ୍ତସନ୍ତିଆ ଅଞ୍ଚଳରେ ଥିବା ହେନ୍ତାଳ ବଣର ସୁରକ୍ଷା ତଥା ନୂଆ ଜଙ୍ଗଲ ସୃଷ୍ଟି କରାଗଲେ, ବନ୍ୟା ଏବଂ ବାତ୍ୟା ଜନିତ କ୍ଷୟକ୍ଷତି କ୍ରମଶଃ ହ୍ରାସ ପାଇବ । ଏଥିପାଇଁ ଉପକୂଳବର୍ତ୍ତୀ ଗ୍ରାମଗୋଷ୍ଠୀ, ପଞ୍ଚାୟତ ଏବଂ ବ୍ଲକ ସ୍ତରରେ ବ୍ୟାପକ କାର୍ଯ୍ୟକ୍ରମ କରିବା ଉଚିତ ।
- ବହୁ କାଳ ଧରି ଏହି ଅଞ୍ଚଳରେ ଜାତି, ବର୍ଣ୍ଣ ଓ ଲିଙ୍ଗ ଭେଦ ଅତିମାତ୍ରାରେ ଯେପରି ବ୍ୟାଧି ପରି ଆମକୁ ଗ୍ରାସ କରିଛି । ଏହାର ମୂଳୋତ୍ପାଟନ ନ କଲେ ସାମାଜିକ ସ୍ତରରେ ଏକତା ରହିବ ନାହିଁ । ତାହା ଜୀବନ ପ୍ରତି ଅନେକ ଅସୁରକ୍ଷିତ ଭାବନା ସୃଷ୍ଟି କରୁଛି । ଏହାର ସମାଧାନ ନିହାତି ଜରୁରୀ ।





# ଜଳବାୟୁ ପରିବର୍ତ୍ତନ ପ୍ରତି ଗ୍ରହଣଶୀଳତା ଓ ଦାୟିତ୍ୱ

କ୍ଷମତାର ନିଶା ଏବଂ ଅତ୍ୟଧିକ ଲୋଭରୁ ଜଳବାୟୁ ପରିବର୍ତ୍ତନର ସ୍ଥିତି ସୃଷ୍ଟି ହୋଇଛି । ବ୍ୟକ୍ତି କିମ୍ବା ରାଷ୍ଟ୍ରର ଆଭିମୁଖ୍ୟରେ ପରିବର୍ତ୍ତନ ଆବଶ୍ୟକ । ପରିବେଶଜନିତ ସମ୍ବେଦନଶୀଳତାରେ ବୃଦ୍ଧି ଅତ୍ୟନ୍ତ ଆବଶ୍ୟକ । ପରିବେଶକୁ ସଠିକ୍ ଭାବରେ ପରିଚ୍ଳନା କଲେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ମଣିଷ ସମାଜ ହ୍ରାସ କରିପାରିବ । ଆମର ପ୍ରକୃତି ପ୍ରତି ସମ୍ବେଦନଶୀଳତା ସୃଷ୍ଟି ହେବା ଖୁବ୍ ଆବଶ୍ୟକ । ଏହି ପରିସ୍ଥିତିରେ ଗ୍ରାମ ଗୋଷ୍ଠୀ ଏବେ ଏଭଳି ପ୍ରସ୍ତୁତ ହେବା ଆବଶ୍ୟକ ଯେଭଳି ଧନ, ଜୀବନ, ଜଙ୍ଗଲ ଏବଂ ମଣିଷକୃତ ସମ୍ପଦ ସମୂହର ସୁରକ୍ଷା କରାଯାଇପାରିବ । ବିପର୍ଯ୍ୟୟ ପରେ ବି ମଣିଷ ଯେପରି ପୁଣି ଝାଡ଼ିଝୁଡ଼ି ହୋଇ ଜୀବନ ଜୀଇଁବାକୁ ଆଗେଇ ପାରିବ । ଏହି ସମୟରେ ମହିଳା ଓ ଯୁବକମାନଙ୍କର ଦାୟିତ୍ୱ ସଂପର୍କରେ ସେମାନଙ୍କୁ ସଚେତନ ଓ ଦକ୍ଷ ହେବାକୁ ପଡ଼ିବ । ଶିଶୁ, ବୃଦ୍ଧବୃଦ୍ଧା ତଥା ରୋଗୀମାନଙ୍କର ସେବା ପାଇଁ ମହିଳାମାନଙ୍କୁ ପ୍ରସ୍ତୁତ ରହିବାକୁ ହେବ । ଯୁବକମାନେ ଜୀବନ ସୁରକ୍ଷା ତଥା ଖାଦ୍ୟ ବଣ୍ଟନ ଆଦିରେ ନିୟୋଜିତ ହେବା ପାଇଁ କୌଶଳ ଶିଖି ପ୍ରସ୍ତୁତ ରହିବା ଦରକାର ।

## ଦୈବଦୁର୍ବିପାକ ବିରୋଧରେ ପୂର୍ବ ପ୍ରସ୍ତୁତି

ଗାଁ ସ୍ତରରେ ଆମକୁ ସଂଗଠିତ ହେବାକୁ ହେବ । ଜଳବାୟୁ ପରିବର୍ତ୍ତନ କ'ଣ, ତାର ସ୍ଥାନୀୟ ପ୍ରଭାବ କିପରି, ଏହା ଉପରେ ବିଚାର କରିବାକୁ ହେବ । ସ୍ଥାନୀୟ ଅଞ୍ଚଳରେ କି କି ପରିବର୍ତ୍ତନ ଘଟୁଛି, ଜୀବନ ଓ ଜୀବିକାକୁ ଉପକୂଳବର୍ତ୍ତୀ ଦୁର୍ବିପାକ କିଭଳି ପ୍ରଭାବିତ କରୁଛି, ତାହା ବାରମ୍ବାର ଆଲୋଚନା କରିବାକୁ ହେବ । ମହିଳା, ବୟସ୍କ ବ୍ୟକ୍ତି, ଭିନ୍ନକ୍ଷମ, ଆର୍ଥିକ ଭାବେ ଦୁର୍ବଳ ଲୋକଙ୍କ ପରି ଯେଉଁମାନେ ବିପଦ ସଙ୍କୁଳ ବର୍ଗ ସେମାନଙ୍କୁ ଚିହ୍ନଟ କରିବାକୁ ହେବ । ପରିବାର ସ୍ତରରେ ଗାଁ ସ୍ତରରେ ଆମେ କିଭଳି ନିଜର ଧନ ଜୀବନକୁ କ୍ଷୟକ୍ଷତିରୁ ରକ୍ଷା କରିପାରିବା ସେଥିପାଇଁ ଯୋଜନା କରିବାକୁ ହେବ । ଏହି ଅଞ୍ଚଳର ପ୍ରତ୍ୟେକ ପରିବାର, ରେଡ଼ିଓ ବା ଟିଭିରେ ସମ୍ପ୍ରସାରଣ କରାଯାଉଥିବା ବନ୍ୟା ସମ୍ବନ୍ଧୀୟ ତଥ୍ୟ ପ୍ରତି

ସଜାଗ ରହିବେ । ପାଣିପାଗ ସମ୍ବନ୍ଧୀୟ ବିବରଣୀ ଓ ପରାମର୍ଶ ଅନୁସାରେ ବନ୍ୟା ବା ବାତ୍ୟା ପୂର୍ବରୁ ସମୁଦ୍ର ମଧ୍ୟକୁ ମାଛ ଧରିବା ପାଇଁ ଯିବେ ନାହିଁ । ଘରେ ମହମବତି, ଦିଆସିଲି, କିରୋସିନି, ଜାଳକାଠ, ପଲିଥିନ, ଚୂଡା, ଚିନି, ଗାଈଗୋରୁଙ୍କ ପାଇଁ ଘାସ ଇତ୍ୟାଦି ଗଚ୍ଛିତ ରଖିବେ । ଦୁର୍ବିପାକ ସମୟ ପାଖେଇ ଆସିଲେ ଓଡ଼ିଶାର ଆଇନଗତ ବ୍ୟବସ୍ଥା ଅନୁସାରେ ଆଶ୍ରୟସ୍ଥଳୀକୁ ସ୍ୱଇଚ୍ଛାରେ ନଗଲେ, ପ୍ରଶାସନ ବାଧ୍ୟ କରି ଆଶ୍ରୟସ୍ଥଳୀକୁ ନେଇଯାଆନ୍ତି । ଫଳରେ ଅନେକ ଅସୁବିଧା ମଧ୍ୟ ସୃଷ୍ଟି ହୁଏ । ତେଣୁ ସ୍ୱଇଚ୍ଛାରେ ଆଶ୍ରୟସ୍ଥଳୀକୁ ଚାଲିଯିବା ବୁଦ୍ଧିମାନର କାମ । ଏହି ସମୟରେ ଜୀବନ ପ୍ରତି ଅସୁରକ୍ଷିତ ସ୍ଥିତି ଆସେ । ତେଣୁ ପ୍ରତ୍ୟେକ ପରିବାର ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମାର ସହାୟତା ନେବା ଏକ ବୁଦ୍ଧିମାନର କାମ । କୃଷକମାନେ କୃଷି, ଶସ୍ୟ ଏବଂ ଗୃହପାଳିତ ପଶୁଙ୍କର ବୀମା କରି ନେବା ଜରୁରୀ ।

ସମସ୍ତେ ସରକାରୀ କାର୍ଯ୍ୟକ୍ରମ ଓ ଯୋଜନା ସବୁକୁ ଜାଣିବା ଅତ୍ୟନ୍ତ ଜରୁରୀ । ଦରକାର ପଡ଼ିଲେ ପଞ୍ଚାୟତ ଓ ପ୍ରଶାସକଙ୍କ ସହ ସଂପର୍କ ରକ୍ଷା କରି ଆମେ ସାମୂହିକ ଭାବରେ ସଂଘବଦ୍ଧ ହୋଇ କ୍ଷୟକ୍ଷତି ଦାଉରୁ ରକ୍ଷା ପାଇଁ ଯୋଜନା ତିଆରି ଓ ସଂପାଦନାରେ ସହଯୋଗ କରିପାରିବା । ଗଣମାଧ୍ୟମର ସଠିକ୍ ବ୍ୟବହାର, ଟେଲିଫୋନ, ମୋବାଇଲ ଫୋନ୍, ଇଣ୍ଟରନେଟ୍, ଡାକବାଜି ଯନ୍ତ୍ର ଇତ୍ୟାଦିର ବ୍ୟବହାର ସହିତ ଗୋଷ୍ଠୀ ଖାଦ୍ୟ ଭଣ୍ଡାର ଗଠନ ଓ ପରିଚାଳନା, ବାତ୍ୟା ଆଶ୍ରୟସ୍ଥଳୀର ନିର୍ମାଣ ଓ ପରିଚାଳନା, ଶସ୍ୟାଦିର ସଠିକ୍ ପରିଚାଳନା, ଆଞ୍ଚଳିକ ଜଳବାୟୁ ସହିତ ଖାପ ଖୁଆଇ ଜୀବନ ଚକ୍ରକୁ ପୂର୍ଣ୍ଣ କରୁଥିବା ନିର୍ଦ୍ଦିଷ୍ଟ ଶସ୍ୟ କିସମ ଗୁଡ଼ିକର ଚିହ୍ନଟ ଓ ସେଗୁଡ଼ିକର ବ୍ୟବହାର, ଦୈବୀଦୁର୍ବିପାକ ପରବର୍ତ୍ତୀ କାର୍ଯ୍ୟକ୍ରମ ଓ ଦାୟିତ୍ୱ ସଂପର୍କରେ ଆମ ସମସ୍ତେ ସଚେତନ ହେବା ନିହାତି ଜରୁରୀ । ଏହି ସମୟରେ ପରିବେଶ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ହୋଇଯାଏ । ତେଣୁ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ସହିତ, ଗର୍ଭବତୀ ମହିଳା, ରୋଗୀ, ବୟସ୍କ ବ୍ୟକ୍ତିବିଶେଷଙ୍କ ପାଇଁ ସ୍ୱତନ୍ତ୍ର ଅନୁକୂଳ ପରିସ୍ଥିତି ସୃଷ୍ଟି କରିବା ଦ୍ୱାରା ଅନେକ ବିପଦରୁ ସୁରକ୍ଷା ମିଳେ ।

ଉପକୂଳବର୍ତ୍ତୀ ଅଞ୍ଚଳ ପ୍ରାୟତଃ ଜନବହୁଳ ହୋଇଥିବାରୁ ଏଠାରେ ପ୍ରାୟ ୮୦ ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି । କେବଳ ଫସଲ ଏବଂ ଫସଲ ପରବର୍ତ୍ତୀ କାର୍ଯ୍ୟକଳାପ ଦ୍ୱାରା ଜୀବିକାର ସୁରକ୍ଷା କରାଯାଇ ପାରିବ ନାହିଁ । ଜୀବନର ସୁରକ୍ଷା ସହିତ ଏହି ଅଞ୍ଚଳରେ ବହୁବିଧ ଜୀବିକାଗୁଡ଼ିକୁ ମଧ୍ୟ ସମୃଦ୍ଧ କରିବାକୁ ହେବ । ଏପରି ଜୀବିକାମାନ ଏହି ଅଞ୍ଚଳରେ ଆପଣେଇବାକୁ ହେବ, ଯାହା ବନ୍ୟା ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହେବ ନାହିଁ । ଉଦାହରଣ ସ୍ୱରୂପ ଇଲେକଟ୍ରନିକ୍ ଜିନିଷ ପ୍ରସ୍ତୁତି, ହସ୍ତଶିଳ୍ପ, ଖାଦ୍ୟ ପ୍ରସ୍ତୁତି ଶିଳ୍ପ, କଳା ଏବଂ ଅନ୍ୟାନ୍ୟ ସେବା ଗତ ବ୍ୟବସ୍ଥା ସମ୍ବଳିତ ଜୀବିକା ବହୁଳ ପ୍ରଚାର ପ୍ରସାର କରିବା ଦରକାର । ପ୍ରାକୃତିକ ବିପର୍ଯ୍ୟୟର ସୁରକ୍ଷା ସଂପର୍କୀୟ କୌଶଳ ଓ ବିଦ୍ୟା ଶିକ୍ଷା ମଧ୍ୟ ଅନେକ ପ୍ରକାରର ସେବା ପ୍ରଦାନରେ ସହାୟତା କରେ । ସନ୍ତରଣ, ପ୍ରାଥମିକ ଚିକିତ୍ସା, ସ୍ୱାସ୍ଥ୍ୟସେବା ସଂପର୍କିତ କୌଶଳ ଇତ୍ୟାଦି ଏହି ଅଞ୍ଚଳ ନିମନ୍ତେ ଅତ୍ୟନ୍ତ ଉପଯୋଗୀ । ନଦୀବନ୍ଧ ମରାମତି, ନାଳ ବା ଜଳନିଷ୍କାସନ ବ୍ୟବସ୍ଥା ଓ ନଦୀଗୁଡ଼ିକର ଶଯ୍ୟାକୁ ଗଭୀର କରିବା ପାଇଁ ପ୍ରୟାସ ମଧ୍ୟ ହେବା ଦରକାର । ଏହା ବନ୍ୟା ଜଳ ନିୟନ୍ତ୍ରଣରେ ସାହାଯ୍ୟ କରେ । ଘରବାଡ଼ିରେ ପୁଷ୍ଟିକର ପରିବା, ଫଳ ଏବଂ କୁକୁଡ଼ା, ବତକ ଆଦି ଚାଷ ପରିବାରମାନଙ୍କୁ ଆର୍ଥିକ ଅନାଟନରୁ ରକ୍ଷା କରିଥାଏ । ଏଥିରେ ବେଶୀ ପୁଞ୍ଜିର ଆବଶ୍ୟକତା ନଥାଏ । ତେଣୁ ଆର୍ଥିକ ସ୍ଥିତିରେ ସୁଧାର କରିବା ସମ୍ଭବ ହୋଇଥାଏ । ଏହା ଜୈବିକ ଧାରାରେ କଲେ ବେଶୀ ସୁବିଧା ହୁଏ ।

ଏହି ଅଞ୍ଚଳର ଗୃହ ନିର୍ମାଣ ନିମନ୍ତେ ଉପଯୁକ୍ତ ବସ୍ତୁ ବିଶେଷ, ନିର୍ମାଣ କୌଶଳ ଏବଂ ନକ୍ସା ଇତ୍ୟାଦି ସଂପୂର୍ଣ୍ଣ ଅଲଗା । ସେଗୁଡ଼ିକର ବହୁଳ ବ୍ୟବହାରର ଆବଶ୍ୟକତା ରହିଛି । ହେନ୍ତାଳ ବଣର ପୁନରୁଦ୍ଧାର ଓ ସମୁଦ୍ରକୂଳେ କୂଳେ ଏହାର ବିସ୍ତାର ଅତ୍ୟନ୍ତ ଆବଶ୍ୟକ ଯାହା ସରକାର ଓ ଗ୍ରାମପଞ୍ଚାୟତମାନଙ୍କର ମିଳିତ ଉଦ୍ୟମରେ ହିଁ ସମ୍ଭବ । ଏହାଦ୍ୱାରା ବାତ୍ୟା ପବନକୁ ସହଜରେ ନିୟନ୍ତ୍ରଣ କରାଯାଇପାରିବ ଏବଂ ଏହାଦ୍ୱାରା ଅଧିକ ବୃଷ୍ଟି ନିୟନ୍ତ୍ରିତ ହୋଇ ବନ୍ୟା ଓ ବାତ୍ୟାର ବିଭୀଷିକାରୁ ସ୍ଥଳଭାଗକୁ ସୁରକ୍ଷିତ ହେବ ।

## ବିପର୍ଯ୍ୟୟ ପରବର୍ତ୍ତୀ କାର୍ଯ୍ୟକ୍ରମ

ବନ୍ୟା ଓ ବାତ୍ୟା ଉପକୂଳବର୍ତ୍ତୀ ଅଞ୍ଚଳର ଚିରସାଥୀ । ତେଣୁ ପ୍ରାକୃତିକ ବିପର୍ଯ୍ୟୟ ପରେ ପରେ ଗ୍ରାମ ଗୋଷ୍ଠୀ ନିମ୍ନଲିଖିତ ଉଦ୍ୟମଗୁଡ଼ିକ କାର୍ଯ୍ୟକାରୀ କରିବା ନିତାନ୍ତ ଜରୁରୀ ।

- ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀର ନିର୍ମାଣ ଓ ପରିଚ୍ଳନା ।
- ବିପର୍ଯ୍ୟୟର ତଥ୍ୟ ସରକାର ଏବଂ ସହଯୋଗୀ ସଂସ୍ଥାମାନଙ୍କୁ ପ୍ରେରଣ ।
- ବିହନ ଓ ଖାଦ୍ୟ ପାଣ୍ଠି ନିର୍ମାଣ ଓ ପରିଚ୍ଳନା ।
- ସରକାରୀ ଯୋଜନା ଓ ସହଯୋଗରୁ ଲାଭ ପାଇଁ ଉଦ୍ୟମ ।
- ଭାଙ୍ଗି ଯାଇଥିବା ବା କ୍ଷୟକ୍ଷତି ହୋଇଥିବା ବନ୍ଧ, ବାଡ଼, ହିଡ଼ ଓ ଆଶ୍ରୟସ୍ଥଳୀ ଇତ୍ୟାଦିର ପୁନଃ ନିର୍ମାଣ ଓ ମରାମତି, ଯଥା ଶୀଘ୍ର ହେବା ଜରୁରୀ । ଏହା ପରବର୍ତ୍ତୀ ଚ୍ଷ ପାଇଁ ଦରକାରୀ ।
- ବିପର୍ଯ୍ୟୟ ପରବର୍ତ୍ତୀ ସରକାରୀ ସୁବିଧାର ଉପଯୁକ୍ତ ପରିଚ୍ଳନା ପାଇଁ ସରକାରୀ ଲୋକମାନଙ୍କୁ ସହଯୋଗ ।
- ଜିଲ୍ଲା ସ୍ତରରେ ଥିବା ଜରୁରୀକାଳୀନ ଅଫିସର ତଥା କୃଷି, ସ୍ୱାସ୍ଥ୍ୟ, ଖାଦ୍ୟ ଯୋଗାଣ, ବିଦ୍ୟୁତ୍, ପରିବହନ ଓ ଶିକ୍ଷା ବିଭାଗ ସହିତ ନିରନ୍ତର ଯୋଗାଯୋଗ ରଖିବାକୁ ହେବ । ଫଳରେ ତହସିଲଦାରଙ୍କ ଦ୍ୱାରା ପରିବାରମାନଙ୍କୁ ଅନେକ ସାହାଯ୍ୟ ମିଳିପାରିବ ।
- ଜୈବିକ ଚ୍ଷ ତଥା ଆଞ୍ଚଳିକ ଶସ୍ୟ ଆଦିର ସଂରକ୍ଷଣ ଓ ପରିବର୍ଦ୍ଧନ ଦ୍ୱାରା ଜଳବାୟୁରେ ଅନିୟମିତତା ଜନିତ ଖାଦ୍ୟ ଓ ଜୀବିକା ଅସୁରକ୍ଷାକୁ ସମ୍ମୁଖୀନ ହେବାର ସାହାସ ମିଳେ ।






# ଉପସଂହାର

ପ୍ରାକୃତିକ ବିପର୍ଯ୍ୟୟକୁ କିଭଳି ଟାଳି ଦେଇ ପାରିବା ଏବଂ ଏହାର ମୁକାବିଲା କିପରି କରାଯାଇପାରିବ ସେହି ଜ୍ଞାନ ଆପଣମାନଙ୍କ ନିକଟରେ ଅଛି । ତେବେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ ଦିଗରେ ଉପରୋକ୍ତ ପରାମର୍ଶଗୁଡିକୁ ସମୂହ ଭାବରେ ସଂଘବଦ୍ଧ ହୋଇ ଆପଣେଇ ନେଲେ ଆମେ ଆମର ଧନ, ଜୀବନ, ଜଙ୍ଗଲ, ଜୀବଜନ୍ତୁ ଏବଂ ବ୍ୟବସ୍ଥାକୁ ସୁରକ୍ଷିତ ରଖି ପାରିବା । ଆମର ସାମାନ୍ୟ ଉଦ୍ୟମକୁ ତଥା ପରାମର୍ଶକୁ ଆପଣଙ୍କ ଗ୍ରାମରେ ନିଶ୍ଚିତ ସାକାର କରାଇବେ ବୋଲି ବିଶ୍ୱାସ । ବିପର୍ଯ୍ୟୟର ପ୍ରଭାବକୁ କମ୍ କରିବା ଦିଗରେ ଆପଣ ସଂଗଠିତ ହୋଇ ଆଗକୁ ଚାଲନ୍ତୁ ।










**Regional Centre for Development Cooperation**

HIG-26, K-6, Phase-II, Kalinga Vihar, Bhubaneswar-751019, Odisha
Tel : +91 (674) 2475410, 2475652
E-mail: rcdcbbsr@gmail.com
Website: www.rcdcindia.org, www.banajata.org



*Funded by*

European Union

*Implemented by*

Jagrata Juba Shangha

Shushilan

*Supported by*

Concern worldwide